## ହୀରାକୁଦ ବନ୍ଧ ସୁରକ୍ଷା ଚିନ୍ତା

# ରୋବର୍ଟ କରିବ ସର୍ଭେ

ସମ୍ବଲପୁର,୧୪/୯(ଇମିସ): ବହୁମୁଖୀ ହୀରାକୁଦ ବନ୍ଧକୁ ଇତିମଧ୍ୟରେ ୫୮ ବର୍ଷ ଅତିକ୍ରାନ୍ତ ହୋଇଛି। ଉପର ମୁଣ୍ଡରେ ମୃତ୍ତିକା କ୍ଷୟ ଯୋଗୁଁ ଜଳଭଣ୍ଡାର ଧୀରେ ଧୀରେ ପୋତି ହେଉଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ବନ୍ଧରେ ଫାଟ ସୃଷ୍ଟି ହେଉଛି। ଏଭଳି ସ୍ଥିତିରେ ହୀରାକୁଦ ଡ୍ୟାମର ଆୟୁଷ ହ୍ରାସ ପାଇବା ନେଇ ଆଶଙ୍କା ପ୍ରକାଶ ପାଇଛି। ହୀରାକୁଦ ବନ୍ଧର ସୁରକ୍ଷା ଦୃଷ୍ଟିକୋଣରୁ ଆସନ୍ତା ଡିସେମ୍ବର ମାସରୁ ରୋବର୍ଟ ଜରିଆରେ ସର୍ଭେ ଆରମ୍ଭ କରାଯିବ ବୋଲି ମୁଖ୍ୟବନ୍ଧ ନିର୍ବାହୀ ଯନ୍ତ୍ରୀ ଯଶୋବନ୍ତ ପରିଡ଼ା ସୂଚନା ଦେଇଛନ୍ତି।



୧୩ ଜାନୁଆରି ୧୯୫୭ରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାର ଲାଲ ନେହରୁଙ୍କ ହାତରେ ହୀରାକୁଦ ବନ୍ଧର ଲୋକାର୍ପଣ କରିଥିଲେ। ବିଦ୍ୟୁତ ଉତ୍ପାଦନ, ବନ୍ୟା ନିୟନ୍ତ୍ରଣ, ପାନୀୟ ଜଳଯୋଗାଣ ତଥା ଜଳସେଚନ ଲୋକାର୍ପଣ ବର୍ଷରୁ ଆରମ୍ଭ ହୋଇଥିଲା। ତେବେ ୧୯୬୬ରୁ ପୂର୍ଣ୍ଣମାତ୍ରାରେ ଜଳସେଚନ ସମ୍ଭବ ହୋଇଥିଲା। ବନ୍ୟା ଜଳରେ ପଟୁ ଆସି ହୀରାକୁଦ ଜଳଭଣ୍ଡାର ଧୀରେ ଧୀରେ ପୋତି ହେବାରେ ଲାଗିଛି। ୨୦୦୦ ମସିହାରେ ହୋଇଥିବା ଆକଳନ ହୋଇଥିଲା। ଆକଳନ ଅନୁସାରେ, ହୀରାକୁଦ ଜଳଭଣ୍ଡାରର ଡେଥ୍ ଷ୍ଟୋରେଜ୍ ଅର୍ଥାତ ୫୯୦ ଫୁଟ୍ ତଳକୁ ୫୩.୭ ପ୍ରତିଶତ ଅଂଶ ପଟୁମାଟିରେ ପୋତି ହୋଇଛି। ଲାଇଫ୍ ଷ୍ଟୋରେଜ୍ ଅର୍ଥାତ ୫୯୦ରୁ ୬୩୦ ଫୁଟ ମଧ୍ୟରେ ୧୭.୧୬ ପ୍ରତିଶତ ଅଂଶ ପଟୁରେ ପୋତି ହୋଇଛି। ବନ୍ୟା ଜଳରେ ପଟୁ ମାଟି ଆସି ପୋତି ହେବା ଯୋଗୁଁ ଜଳଭଣ୍ଡାର ଜଳଧାରଣ କ୍ଷମତା ସର୍ବମୋଟ୍ ୨୭.୫୭ ପ୍ରତିଶତ ହ୍ରାସ ପାଇଛି। ଗତ ୨୦୦୨-୦୩ରେ ଅଣ୍ଡର ୱାଟର ସର୍ଭେ ବେଳେ ସ୍ପିଲୱେ ନିକଟରେ ଫାଟ ସୃଷ୍ଟି ହୋଇଥିବା ଜଣାପଡ଼ିଥିଲା। କେବଳ ସେତିକି ନୁହେଁ, ଅନେକ ଛୋଟବଡ଼ ଛିଦ୍ର ଓ ଗର୍ତ୍ତ ମଧ୍ୟ ରହିଥିବା ଦେଖିବାକୁ ମିଳିଥିଲା। ସେତେବେଳେ ଏହାର କିଛିଟା ମରାମତି ହୋଇଥିଲା। ଜଳଭଣ୍ଡାରର ୪୯୭ ଫୁଟ୍‌ରେ ଫାଉଣ୍ଡେସନ ଗ୍ୟାଲେରିରେ ୨୧୨ଟି ଗର୍ତ୍ତ(ପ୍ରେସର ରିଲିଜ୍ ହୋଲ)ରହିଛି। ବନ୍ଧରେ ଫାଟ ସୃଷ୍ଟି ହୋଇଥିବା ଆଶଙ୍କା ହେଉଛି। ଏହାର ସର୍ଭେ ନିମନ୍ତେ ନୂଆଦିଲ୍ଲୀର ସିଏସ୍ଏମ୍ଆର୍ଏସ୍ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଏହି ସଂସ୍ଥା ସର୍ଭେ ପାଇଁ ୨୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ଦେଇଛି। ଏବେ ପାଣି ଗୋଳିଆ ଥିବାରୁ ବନ୍ଧର ସ୍ପଷ୍ଟ ଚିତ୍ର ଜଣାପଡ଼ିବ ନାହିଁ। ତେଣୁ ଜଳଭଣ୍ଡାର ପାଣି ଡିସେମ୍ବର-ଜାନୁଆରି ମାସରେ ନିର୍ମଳ ହେଉଥିବାରୁ ଏହି ସମୟରେ ରୋବର୍ଟ ଜରିଆରେ ଚିତ୍ର ଉତ୍ତୋଳନ କରି କରାଯିବ ବୋଲି ନିର୍ବାହୀ ଯନ୍ତ୍ରୀ ଯଶୋବନ୍ତ ପରିଡ଼ା ସୂଚନା ଦେଇଛନ୍ତି। ଅତିରିକ୍ତ ସ୍ପିଲ ପାଇଁ ଲେଫଟ୍ ଡାଇକ୍ ପଟେ ମାଟି ପରୀକ୍ଷା କାମ ଶେଷ ପର୍ଯ୍ୟାୟରେ ପହଂଚିଛି। ଏହା ପରେ ରାଇଟ୍ ଡାଇକ ପଟୁ ମାଟି ପରୀକ୍ଷା ଆରମ୍ଭ ହେବ ବୋଲି ସେ କହିଛନ୍ତି।